# ସତ୍ୟବାଣୀ

## THE VOICE OF TRUTH

1996
SEP- OCT

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# ସତ୍ୟବାଣୀ

# VOICE OF TRUTH

1996 KAKINADA SEPT. - OCT.


## ଉପାସନାର ଦିନ
## (The day of worship)

ନୂତନ ନିୟମରେ ଉପାସନାର ପ୍ରାଧାନ୍ୟତା ସଙ୍ଗେ ସଙ୍ଗେ ଆମ୍ଭେମାନେ କେଉଁ ଦିନରେ ଉପାସନା କରିବା ଆବଶ୍ୟକ ତାହା ମଧ୍ୟ ଜଣାଇ ଦିଆଯାଇଅଛି । ତାହା କେଉଁ ଦିନ ?

ବିଶ୍ରାମ ଦିନ ଉପାସନାର ଦିନ ବୋଲି ଏବେ ପର୍ଯ୍ୟନ୍ତ ଅନେକଙ୍କ ଧାରଣା ରହିଅଛି । କିନ୍ତୁ ୨ୟ କରନ୍ଥୀ ୩; କଲସୀ ୨ : ୧୪; ଏବ୍ରୀ ୯ : ୧୬, ୧୭ ପଦାନୁଯାୟୀ ପୁରାତନ ନିୟମ ଲୁପ୍ତ ହୋଇଅଛି ବୋଲି ଜାଣିପାରୁ । ଯଦିଓ ପାଉଲ ବିଶ୍ରାମ ଦିନରେ ଯିହୁଦୀ ମାନଙ୍କ ସହିତ ଭେଟୁଥିଲେ, ସେମାନେ ଈଶ୍ବରଙ୍କୁ ଉପାସନା କରିବା ନିମନ୍ତେ ସମ୍ମିଳିତ ହେଉଥିଲେ ବୋଲି ବାକ୍ୟ କୁହେନାହିଁ । ବିଶ୍ରାମ ଦିନରେ ପାଉଲ ଯିହୁଦୀମାନଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ସଦ୍‌ବିନିଯୋଗ କରି ସେମାନଙ୍କୁ ସତ୍ୟ ଶିକ୍ଷା ଦେଉଥିଲେ ।

ଯଦି ବିଶ୍ରାମ ଦିନ ଅନୁଗ୍ରହର ଯୁଗରେ ଉପାସନାର ଦିନ ନୁହେଁ, ତେବେ ସେ ଦିନ କେଉଁ ଦିନ ? ଏହି ପ୍ରଶ୍ନର ଉତ୍ତର ଆମ୍ଭେମାନେ ନୂତନ ନିୟମରେ ପଢ଼ିପାରୁ । ସର୍ବପ୍ରଥମେ, ଆଦିମ ମଣ୍ଡଳୀର ଖ୍ରୀଷ୍ଟିୟାନମାନେ କେଉଁ ଦିନରେ ଉପାସନା ନିମନ୍ତେ ଏକତ୍ରିତ ହେଉଥିଲେ ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକରେ ପଢ଼ିପାରୁ । ହେସ୍ପା ନାମକ ନଗର ଦେଇ ପ୍ରେରିତ ପାଉଲ ଯାତ୍ରା କରିବା

ସମୟରେ ସେଠାସ୍ଥିତ ଭାଇମାନଙ୍କ ସହିତ ମିଳି ଉପାସନା କରିବା ନିମନ୍ତେ ସେ କିଛି ଦିନ ସେଠାରେ ରହିଗଲେ । ୭ମ ବାକ୍ୟ କହେ ସପ୍ତାହର ପ୍ରଥମ ଦିନରେ ଯେତେବେଳେ ଆମ୍ଭେମାନେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହୋଇଥିଲୁ, ସେତେବେଳେ ପାଉଲ ପରଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟତ ହେଉଥିବାରୁ ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଧର୍ମ ବକ୍ତୃତା ଦେଲେ । ଏଥିପୂର୍ବ ପଦ ପ୍ରେରିତ ୨୦ : ୬ ରେ ପ୍ରେରିତ ପାଉଲ ତ୍ରୋୟାରେ ସାତ ଦିନ ଥିଲେ ବୋଲି ଉଲ୍ଲେଖିତ କରାଯାଏ । ଅର୍ଥାତ୍ ସେ ବିଶ୍ରାମ ବାରରେ ସେଠାରେ ଥିଲେ ସୁଦ୍ଧା ସେ ଦିନ ଶିଷ୍ୟମାନଙ୍କ ସହିତ ରୋଟୀ ଭାଙ୍ଗିବାକୁ ଏକତ୍ରିତ ନ ହୋଇ, ସପ୍ତାହର ପ୍ରଥମ ଦିବସରେ ରୋଟୀ ଭାଙ୍ଗିବାକୁ ଏକତ୍ରିତ ହୋଇଥିଲେ ବୋଲି ପଢ଼ିପାରୁ । ଅତଏବ ସପ୍ତାହର ପ୍ରଥମ ଦିନ ଉପାସନାର ଦିବସ ରୂପେ ନୂତନ ନିୟମରେ ନିର୍ମିତ ହୋଇଅଛି ବୋଲି ଜାଣିପାରୁ ।

ତେବେ ପ୍ରଶ୍ନ ଉଠେ, ସପ୍ତାହର ପ୍ରଥମ ଦିନ କେଉଁ ଦିନ ? ବ୍ୟବସ୍ଥାନୁଯାୟୀ ବିଶ୍ରାମ ବାର ସପ୍ତାହର ସପ୍ତମ ଦିନ ଥିଲା ଓ ସପ୍ତାହର ସାତ ଦିନ ବୋଲି ଆମେ ଜାଣୁ । ତେଣୁକରି ବିଶ୍ରାମ ଦିନର ଶେଷରେ ପରବର୍ତ୍ତୀ ସପ୍ତାହର ପ୍ରଥମ ଦିନ ଆସେ ଏବଂ ସେହି ଦିନ ଆମ୍ଭେମାନେ ରବିବାର ରୂପେ ନାମିତ କରିଅଛୁ । ଦ୍ୱିତୀୟ ପ୍ରଶ୍ନ ସପ୍ତାହର ପ୍ରଥମ ଦିନରେ ଆମ୍ଭେମାନେ କାହିଁକି ଉପାସନା କରିବା ଉଚିତ୍ ? ମୋଶାଙ୍କ ବ୍ୟବସ୍ଥାନୁଯାୟୀ ବିଶ୍ରାମ ବାର ଅର୍ଥାତ୍ ସପ୍ତାହର ଶେଷ ଦିନରେ ଉପାସନା କରାଯାଉଥିଲା । କିନ୍ତୁ ନୂତନ ନିୟମରେ ତାହାଙ୍କ ରାଜ୍ୟ ଓ ଧର୍ମ ସର୍ବପ୍ରଥମେ ଅନ୍ୱେଷଣ କରିବା ନିମନ୍ତେ ଆଜ୍ଞାପିତ ହୋଇଅଛୁ । ( ମାଥିଉ ୬ : ୩୩ ) ।

ଦାନ ଦେବା ବିଷୟରେ ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ କହନ୍ତି, ସାଧୁମାନଙ୍କ ନିମନ୍ତେ ଦାନ ସଂଗ୍ରହ ସମ୍ବନ୍ଧରେ ଯେପରି ମୁଁ ଗାଲାତିଆର ମଣ୍ଡଳୀ ସମୂହକୁ ଆଦେଶ ଦେଇଅଛି, ତୁମ୍ଭେମାନେ ମଧ୍ୟ

ସେହିପରି କର । ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ, ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ । ( ୧ମ କରନ୍ଥୀ ୧୬ : ୧,୨ ) । ଆପଣା ଆପଣା ଅଭିବୃଦ୍ଧି ଅନୁସାରେ ସପ୍ତାହର ପ୍ରଥମ ଦିବସରେ ଦାନ ଦେବା ନିମନ୍ତେ କାହିଁକି ଆଜ୍ଞାପିତ ହୋଇଥିଲେ ? କାରଣ ତାହା ଉପାସନାର ଦିନ ଏବଂ ପ୍ରଭୁଙ୍କର ଦିନ ଅଟେ । ଅପର ପକ୍ଷରେ କହିବାକୁ ଗଲେ, ଯଦି ବିଶ୍ରାମ ଦିନ ଉପାସନାର ଦିନ ହୋଇଥାନ୍ତା ତେବେ ପାଉଲ ସେମାନଙ୍କୁ ସପ୍ତାହର ପ୍ରଥମ ଦିନରେ ପୁନଃବାର ଏକତ୍ରିତ ହୋଇ ଦାନ ଦେବା ନିମନ୍ତେ କହି ନ ଥାନ୍ତେ ।

ପ୍ରକାଶିତ ୧ : ୧୦ ପଦରେ ପ୍ରେରିତ ଯୋହନ କହନ୍ତି, ମୁଁ ପ୍ରଭୁଙ୍କ ଦିନରେ ଆତ୍ମାରେ ଆବିଷ୍ଟ ହୋଇ ମୋହର ପଶ୍ଚାତରେ ତୂରୀଶବ୍ଦ ପରି ଗୋଟିଏ ମହାସ୍ୱର ଏହା କହୁଥିବା ଶୁଣିଲି——" ପ୍ରତ୍ୟେକ ଦିନ ପ୍ରଭୁଙ୍କ ଦତ୍ତ ଅଟେ, କିନ୍ତୁ ସପ୍ତାହର ପ୍ରଥମ ଦିନ ବିଶେଷ ଭାବେ ପ୍ରଭୁଙ୍କ ଦିନ । ଯେହେତୁ ସେହି ଦିନେ ତାହାଙ୍କ ସନ୍ତାନମାନେ ଏକତ୍ରିତ ହୋଇ ତାହାଙ୍କ ଉପାସନା କରନ୍ତି । ଏହି ସପ୍ତାହର ପ୍ରଥମ ଦିନ କିମ୍ବା ପ୍ରଭୁଙ୍କ ଦିନକୁ କାହିଁକି ଏତେ ବିଶିଷ୍ଟତା ଦିଆଯାଏ ? କାରଣ :—

## ଏହା ଖ୍ରୀଷ୍ଟଙ୍କ ମୃତ୍ୟୁରୁ ପୁନଃରୁତ୍ଥିତ ଦିନ ।

ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ବିଷୟରେ ଲେଖାଯାଏ, 'ବିଶ୍ରାମବାର ଶେଷ ହେଲା ଉତ୍ତାରେ ସପ୍ତାହର ପ୍ରଥମ ଦିବସରେ ପ୍ରତ୍ୟୁଷରେ ମଗ୍‌ଦଲୀନୀ ମରିୟମ ଓ ଅନ୍ୟ ମରିୟମ ସମାଧି ଦେଖିବାକୁ ଆସିଲେ । ଆଉ ଦେଖ ମହା ଭୂମିକମ୍ପ ହେଲା । କାରଣ ପ୍ରଭୁଙ୍କର ଜଣେ ଦୂତ ସ୍ୱର୍ଗରୁ ଓହ୍ଲାଇ ଆସି ସେହି ପଥରଖଣ୍ଡିକ ଗଡ଼ାଇ ଦେଇ ତାହା ଉପରେ ବସିଲେ ।' ( ମାଥିଉ ୨୮ : ୧-୨ ) । ସେହିଦିନ ଅର୍ଥାତ୍ ସପ୍ତାହର ପ୍ରଥମ ଦିନ ସନ୍ଧ୍ୟା ସମୟରେ ଯେତେବେଳେ ଶିଷ୍ୟମାନେ

ଯେଉଁ ଗୃହରେ ଥିଲେ, ସେଥିର ଦ୍ୱାରଗୁଡ଼ିକ ଯିହୁଦୀମାନଙ୍କ ଭୟରେ ରୁଦ୍ଧ ଥିଲା, ସେତେବେଳେ ଯୀଶୁ ଆସି ମଧ୍ୟସ୍ଥଳରେ ଠିଆ ହୋଇ ସେମାନଙ୍କୁ କହିଲେ, ତୁମ୍ଭମାନଙ୍କର ଶାନ୍ତି ହେଉ । ( ଯୋହନ ୨୦ : ୧୯ ) ।

## ସପ୍ତାହର ପ୍ରଥମ ଦିନରେ ଯୀଶୁ ଆପଣା ଶିଷ୍ୟମାନଙ୍କୁ ଦ୍ୱିତୀୟ ଥର ଦର୍ଶନ ଦେଇଥିଲେ ।

ଯୀଶୁ ସପ୍ତାହର ପ୍ରଥମରେ ମୃତ୍ୟୁଞ୍ଜୟୀ ହେବା ସଙ୍ଗେ ସଙ୍ଗେ ସେହି ଦିନ ସନ୍ଧ୍ୟାରେ ତଥା ତତ୍ପରବର୍ତ୍ତୀ ସପ୍ତାହର ପ୍ରଥମ ଦିବସରେ ଶିଷ୍ୟମାନଙ୍କୁ ଦର୍ଶନ ଦେଇଥିଲେ । 'ଆଠ ଦିନ ପରେ ତାହାଙ୍କ ଶିଷ୍ୟମାନେ ପୁନର୍ବାର ଭିତରେ ଥିଲେ ଓ ଥୋମା ସେମାନଙ୍କ ସାଙ୍ଗରେ ଥିଲେ । ଦ୍ୱାରସବୁ ରୁଦ୍ଧ ଥିବା ସମୟରେ ଯୀଶୁ ଆସି ମଧ୍ୟସ୍ଥଳରେ ଠିଆ ହୋଇ କହିଲେ ତୁମ୍ଭମାନଙ୍କର ଶାନ୍ତି ହେଉ । ସପ୍ତାହର ପ୍ରଥମ ଦିବସର ବାକ୍ୟର ପୁନଃରାବୃତ୍ତି ହେବାର ଉଦ୍ଦେଶ୍ୟ କଅଣ ହୋଇ ପାରେ ? ସେହି ଦିବସ ଆମ୍ଭମାନଙ୍କ ଜୀବନ ନିମନ୍ତେ ଏକ ବଶିଷ୍ଟ ଦିନ ହୋଇ ଥିବାରୁ । ଏହାର ଉଲ୍ଲେଖନ ବାଇବେଲର ବାକ୍ୟରେ ପଢ଼ି ପାଇପାରୁ ।

## ସପ୍ତାହର ପ୍ରଥମ ଦିବସରେ ମଣ୍ଡଳୀ ସ୍ଥାପିତ ହୋଇଥିଲା । (ପ୍ରେରିତ ୨ୟ ଅଧ୍ୟାୟ )

ନିସ୍ତାର ବର୍ଷ ଦିବସ ଅର୍ଥାତ୍ ଖ୍ରୀଷ୍ଟଙ୍କ ପୁନଃରୁତ୍ଥାନର ଦିବସର ପଚାଶତ୍ତମ ଦିନ ପେଣ୍ଟିକଷ୍ଟ ଦିନ ଅଟେ । ଅତଏବ ପୁନଃରୁତ୍ଥାନର ଦିନ ସପ୍ତାହର ପ୍ରଥମ ଦିନ ଥିବାରୁ ପଚାଶତ୍ତମ ଦିନ ମଧ୍ୟ ସପ୍ତାହର ପ୍ରଥମ ଦିବସ ଅଟେ । ଏହି ବିଶେଷ ଦିନରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହୋଇଥିଲା । ୨ୟରେ ଏହି ଦିନରେ ପବିତ୍ର ଆତ୍ମା ପ୍ରେରିତମାନଙ୍କ ଉପରେ ଅବତରଣ କରିଥିଲେ । ପରିତ୍ରାଣ ଦାୟକ ପ୍ରଥମ ସୁସମାଚାର ଏହି ଦିନରେ ପ୍ରେରିତ ପିତର ବିଭିନ୍ନ ଭାଷାବାଦୀ

ଯିହୁଦୀ ଜନତାକୁ ଚମତ୍କୃତ ହୋଇଥିଲା । ସେହି ସପ୍ତାହର ପ୍ରଥମ ଦିବସରେ ତିନି ସହସ୍ର ଲୋକେ ବାପ୍ତିଜିତ ହୋଇ ମଣ୍ଡଳୀରେ ସଂଯୁକ୍ତ କରାଯାଇଥିଲେ । ଏତେଗୁଡ଼ିଏ ବିଶିଷ୍ଟ ଘଟଣାବଳୀ ଘଟିଥିବା ସପ୍ତାହର ପ୍ରଥମ ଦିବସକୁ କି ଆମ୍ଭେମାନେ ମାନ୍ୟ ନ କରୁ !

ଉପରୋକ୍ତ କାରଣଗୁଡ଼ିକରୁ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ଏକତ୍ରିତ ହୋଇ ତାହାଙ୍କ ଉପାସନା କରିବା ସଦାବେଳେ କର୍ତ୍ତବ୍ୟ କରି ଅଛନ୍ତି ବୋଲି ଜାଣିପାରୁ । ଆଦିମ ଖ୍ରୀଷ୍ଟିୟାନମାନଙ୍କ ଆଦର୍ଶ ଅନୁସରଣ କରି, ଆସ ଆମ୍ଭେମାନେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗୀ, ସମାଧି ପ୍ରାପ୍ତ ହୋଇ ସପ୍ତାହର ପ୍ରଥମ ଦିବସରେ ପୁନଃରୁତ୍ଥିତ ଯୀଶୁଖ୍ରୀଷ୍ଟଙ୍କୁ ସ୍ମରଣ କରି ପିତା ପରମେଶ୍ୱରଙ୍କ ଉପାସନା କରୁ ।

—J. C. Choate.

—o—

## ନାମରେ ଅଛି କଅଣ ଅଛି?

**(Is there any thing in a nnme)।**

ଉପରୋକ୍ତ ପ୍ରଶ୍ନ ଅନେକ ମତଭେଦର କାରଣ ହୋଇ ଆସୁଅଛି । ଏହି ପ୍ରଶ୍ନର ଉତ୍ତର ଅନେକ ଭକ୍ତ-ବିଭେଦ ଖ୍ରୀଷ୍ଟୀୟ ଜଗତରେ ଏକତା ଆଣି ପାରିବ । ତେଣୁ କରି ସମସ୍ତ ପ୍ରକାର ପକ୍ଷ, ଅଭିମାନ ଓ ଅହଂକାର ତ୍ୟାଗ କରି ଏହି ପ୍ରଶ୍ନର ଉତ୍ତର ବାଇବଲର ଲିଖିତ ପୃଷ୍ଠାଗୁଡ଼ିକରୁ ଖୋଜି ବାହାର କରିବା ।

ନାମର ବିଶିଷ୍ଟତା ଅଛି :— (୧) ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ନାମର ସ୍ଥାନ ଅତ୍ୟନ୍ତ । ବ୍ୟାଙ୍କ କାଗଜ ପତ୍ରରେ ନାମ ଲେଖା ନଥିଲେ ତାହା ଅଚଳ ହୋଇଯାଏ । (୨) ନାମ ଦ୍ୱାରା ବ୍ୟ

ବ୍ୟକ୍ତି ଓ ସ୍ଥାନ ଗୁଡ଼ିକର ପରିଚୟ ପାଇ ଥାଉଁ । ନାମ ବ୍ୟତୀତ ଆମ୍ଭେମାନେ ବିଭିନ୍ନ ବସ୍ତୁ ବ୍ୟକ୍ତି ସ୍ଥାନ ଗୁଡ଼ିକର ବିଷୟରେ ଜାଣିବା ଓ ଚିହ୍ନିବା ଅସମ୍ଭବ । (୩) ପାରିବାରିକ ଜୀବନରେ ମଧ୍ୟ ନାମର ବିଶିଷ୍ଟତା ରହିଅଛି । ବିବାହିତ ସ୍ତ୍ରୀ ଆପଣା ସ୍ୱାମୀଙ୍କ ନାମ ବ୍ୟତୀତ ଅନ୍ୟପୁରୁଷର ନାମ ଧାରଣ କରେ ନାହିଁ । ସେମାନେ ଆପଣା ୨ ସ୍ୱାମୀର ନାମ, ସମ୍ମାନ ଓ ଗର୍ବ ସହକାରେ ଧାରଣ କରନ୍ତି । (୪) ବିଜ୍ଞାନ, ସଙ୍ଗୀତ, କଳା କ୍ଷେତ୍ରରେ ମଧ୍ୟ ନାମର ଏକ ବିଶିଷ୍ଟ ସ୍ଥାନ ଅଛି ।

ଜୀବନର ଅନ୍ୟାନ୍ୟ କ୍ଷେତ୍ରରେ ନାମର ବିଶିଷ୍ଟତା ଥିବା ବେଳେ ଧର୍ମ ଜଗତରେ କି ତାହା ମୂଲ୍ୟହୀନ ।

**ବାଇବଲରେ ନାମର ବିଶିଷ୍ଟତା :—** (୧) ସୃଷ୍ଟିର ବିଭିନ୍ନ ସୃଷ୍ଟି ବିଷୟ ନାମ ଦ୍ୱାରା ପରିଚିତ କରାଯାଇ ଥିଲା । "ଆଉ ସଦା ପ୍ରଭୁ ପରମେଶ୍ୱର ଭୂମିରୁ ବନର ପଶୁଗଣ ଓ ଆକାଶର ପକ୍ଷୀଗଣ ନିର୍ମାଣ କରି ଆଦମ ସେମାନଙ୍କୁ କି ନାମ ଦେବେ, ଏହା ଜାଣିବା ପାଇଁ ସମସ୍ତଙ୍କୁ ତାଙ୍କ ନିକଟକୁ ଆଣିଲେ । ତହିଁରେ ଆଦମ ସେହି ପ୍ରାଣୀବର୍ଗ ମଧ୍ୟରୁ ଯାହାକୁ ଯେଉଁ ନାମ ଦେଲେ, ତାହାର ସେହି ନାମ ହେଲା । (୨) ବାଇବଲର କେତେକ ବ୍ୟକ୍ତିଙ୍କ ନାମ ପିତା ପରମେଶ୍ୱର ବଦଳାଇ ଦେଇ ସେମାନଙ୍କ କାର୍ଯ୍ୟ ଓ ବ୍ୟକ୍ତିତ୍ୱ ପ୍ରକଟ କରୁଥିବା ଅନ୍ୟ ନାମରେ ନାମିତ କରିଥିଲେ । ଅବ୍ରାମ ( ଅର୍ଥାତ୍ ମହାପିତା ) ଙ୍କ ନାମ ବଦଳରେ ସେ ତାହାଙ୍କ ନାମ ଅବ୍ରାହାମ ( ବହୁଲୋକଙ୍କର ପିତା ) ରଖିଥିଲେ । ଯାକୁବ ( ଅର୍ଥାତ୍ ପଦା ଧରା-ଳକ ) ଙ୍କ ନାମକୁ ବଦଳାଇ ଇସ୍ରାଏଲ ( ଅର୍ଥାତ୍ ପରମେଶ୍ୱରଙ୍କ ସହିତ ଯୋଦ୍ଧା ) ରଖିଲେ । ( ଆଦି ୧୭ : ୧-୫ ଓ ୩୫ : ୧୦ )

୩) ପ୍ରଭୁ ଯୀଶୁ ଶିମୋନ ପିତରଙ୍କ ନାମ ବଦଳାଇ କେଫା ରଖିଥିଲେ । "ଯୀଶୁ ତାଙ୍କୁ ଏକଦୃଷ୍ଟିରେ ଚାହିଁ କହିଲେ ତୁମ୍ଭେ ଯୋହନଙ୍କ ପୁତ୍ର ଶିମୋନ । ତୁମ୍ଭେ କେଫା ( ଅନୁବାଦ କଲେ ଏହାର ଅର୍ଥ ପିତର ) ନାମରେ ଖ୍ୟାତ ହେବ । ପିତର" ଯାହାର ଅର୍ଥ ଟଣ୍ଠ ପଥର

ତାହାଙ୍କ ଉପରେ ମଣ୍ଡଳୀ ସ୍ଥାପିତ ହୋଇ ନାହିଁ । କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ଉପରେ ସ୍ଥାପିତ ହୋଇଅଛି, ସେ ମଣ୍ଡଳୀର ପ୍ରଧାନ ଭିତ୍ତିମୂଳ ଅଟନ୍ତି ( ୧ମ କରିନ୍ଥୀ ୩ : ୧୧ ) ନର ଠାରୁ ନୀତା ନାରୀ ନାମରେ ନାମିତ ହୋଇ ଥିଲେ । ( ଆଦି ୨ : ୨୩ ) ଯୀଶୁଖ୍ରୀଷ୍ଟ ଜଣେ ଜନ୍ମାନ୍ଧକୁ ଶିଲୋହ (ଅନୁବାଦ କଲେ ଏହାର ଅର୍ଥ ପ୍ରେରିତ) ପୋଖରୀରେ ଧୋଇ ହେବା ନିମନ୍ତେ ଆଦେଶ ଦେଇଥିଲେ । ଯୀଶୁଖ୍ରୀଷ୍ଟ କ୍ରୁଶାର୍ପିତ ହୋଇ ଥିବା ସ୍ଥାନର ନାମ ଗୋଲ୍ ଗଥା ଯାହାର ଅର୍ଥ କପାଳ ସ୍ଥଳ ।

ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ବିଭିନ୍ନ ନାମଗୁଡ଼ିକରେ ମଧ୍ୟ ବିଶିଷ୍ଟତା ରହିଅଛି। ଗାବ୍ରିଏଲ ଦୂତ କନ୍ୟା ମରିୟମଙ୍କୁ କହିଲେ । '—ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ । ( ମାଥିଉ ୧ : ୨୧ ) । ଏବ୍ରୀ ପଦ 'ମଶୀହ'ର ଅର୍ଥ 'ଖ୍ରୀଷ୍ଟ' ଅର୍ଥାତ୍ ଅଭିଷିକ୍ତ ( ଯୋହନ ୧ : ୪୧ ) ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟ ପ୍ରଭୁ ନାମରେ ଖ୍ୟାତ, କାରଣ ସମସ୍ତ ଆଧିପତ୍ୟ ତାହାଙ୍କର । ପାପୀମାନଙ୍କ ପରିତ୍ରାଣ ନିମନ୍ତେ ସେ ଆପଣାକୁ କ୍ରୁଶାର୍ପିତ କରିଥିଲେ । ସେ ପୁରାତନ ନିୟମର ଭବିଷ୍ୟଦ୍‌ବାଣୀ ସକଳ ସଫଳ କରିଥିଲେ । ପୃଥିବୀରେ ପାପକ୍ଷମା କରିବାକୁ କେବଳ ତାହାଙ୍କର ଅଧିକାର ଥିବାରୁ ସେ ଆମ୍ଭମାନଙ୍କ 'ପ୍ରଭୁ' ଯୀଶୁ 'ଖ୍ରୀଷ୍ଟ' ଅଟନ୍ତି ।

ପୁରାତନ ନିୟମ ସମୟରେ ମୋଶାଙ୍କୁ ସଦାପ୍ରଭୁ କହିଲେ । 'ତୁମ୍ଭେ ଆମ୍ଭ ନିମନ୍ତେ ଏକ ମୃତ୍ତିକାର ବେଦି ନିର୍ମାଣ କରିବ, ପୁଣି ତହିଁ ଉପରେ ତୁମ୍ଭର ମେଷଗୋରୁ ହୋମବଳି ଓ ମଙ୍ଗଳାର୍ଥକ ବଳି ଉତ୍ସର୍ଗ କରିବ, ଆମ୍ଭେ ଯେଉଁ ପ୍ରତ୍ୟେକ ସ୍ଥାନରେ ତୁମ୍ଭ ନିକଟକୁ ଆସି ତୁମ୍ଭକୁ ଆଶୀର୍ବାଦ କରିବା । '( ଯାତ୍ରା ୨୦ : ୨୪ ) । 'ସଦାପ୍ରଭୁଙ୍କ ନାମ ଦୃଢ଼ ଗଡ଼, ଧାର୍ମିକ ଲୋକ ତହିଁକି ପଳାଇ ରକ୍ଷାପାଏ । ( ହିତ ୧୮ : ୧୦ ) ।

## ମଣ୍ଡଳୀର ନାମ ଗୁଡ଼ିକ :

ନୂତନ ନିୟମରେ ମଣ୍ଡଳୀକୁ ଅନେକ ନାମରେ ନାମିତ କରାଯାଇ ଅଛି । ପ୍ରତ୍ୟେକ ନାମର ଏକ ଆତ୍ମୀୟ ଅର୍ଥ ଅଛି । ମଣ୍ଡଳୀ ଖ୍ରୀଷ୍ଟଙ୍କର ତାହା 'ଖ୍ରୀଷ୍ଟଙ୍କ ମଣ୍ଡଳୀ' ବୋଲି ନାମିତ ହେବାରେ କିଛି ଆଶ୍ଚର୍ଯ୍ୟ ବିଷୟ ନୁହେଁ ।

a) ମଣ୍ଡଳୀ ଖ୍ରୀଷ୍ଟଙ୍କର ଅଟେ ( ମାଥିଉ ୧୬ : ୧୮ ) ।

b) ତାହା ସେ ସ୍ଥାପିତ କରିଥିଲେ ( ମାଥିଉ ୧୬ : ୧୮ ) ।

c) ଖ୍ରୀଷ୍ଟ, ମଣ୍ଡଳୀର ମସ୍ତକ ସ୍ୱରୂପ ଅଟନ୍ତି ।

d) ସେ ତାହାର ଭିତ୍ତିମୂଳ ଅଟନ୍ତି ।

e) ସେ ମଣ୍ଡଳୀକୁ ଆପଣା ରକ୍ତଦ୍ୱାରା କ୍ରୟ କରିଥିଲେ । ( ପ୍ରେରିତ ୨୦ : ୨୮ ) ।

f) ମଣ୍ଡଳୀ, ଖ୍ରୀଷ୍ଟଙ୍କ ଶରୀର ଅଟେ । ( ଏଫିସୀ ୧ : ୨୨, ୨୩ ) ।

g) ଖ୍ରୀଷ୍ଟ ମଣ୍ଡଳୀର ତ୍ରାଣକର୍ତ୍ତା ଅଟନ୍ତି । ( ଏଫିସୀ ୫ : ୨୩ ) ।

h) ମଣ୍ଡଳୀ ରୂପ ରାଜ୍ୟର ସେ ରାଜା ଅଟନ୍ତି । ( ମାଥିଉ ୧୬ : ୧୯, ଯୋହନ ୧୮ : ୩୬ ) ।

ମଣ୍ଡଳୀ ନିମ୍ନଲିଖିତ ନାମରେ ମଧ୍ୟ ଚିହ୍ନିତ ।

୧) ବିଶ୍ୱାସୀମାନଙ୍କ ଗୃହ ( ଗାଲାତୀ ୬ : ୧୦ ) ।

୨) ପ୍ରିୟତମ ପୁତ୍ରଙ୍କ ରାଜ୍ୟ ( କଲସୀ ୧ : ୧୩ ) ।

୩) ଈଶ୍ୱରଙ୍କ ଗୃହ ( ୧ମ ତୀମଥି ୩ : ୧୫ ) ।

୪) ଈଶ୍ୱରଙ୍କ ମଣ୍ଡଳୀ ( ୧ମ କରନ୍ଥୀ ୧ : ୨ ) ।

୫) ଖ୍ରୀଷ୍ଟଙ୍କ ଶରୀର ( ୧ମ କରନ୍ଥୀ ୧୨ : ୨୭ ) ।

୬) ମଣ୍ଡଳୀ ( ପ୍ରେରିତ ୮ : ୧, ୯ : ୩୧ ) ।

୭) ସ୍ଥାନୀୟ ଅନେକ ମଣ୍ଡଳୀଗୁଡ଼ିକକୁ ପ୍ରେରିତ ପାଉଲ 'ଖ୍ରୀଷ୍ଟଙ୍କର ସମସ୍ତ ମଣ୍ଡଳୀ' ବୋଲି ରୋମୀୟ ୧୬ : ୧୬ ପଦରେ କହି ଅଛନ୍ତି ।

ଏହି ନାମଗୁଡ଼ିକ ଖ୍ରୀଷ୍ଟଙ୍କ ସ୍ଥାପିତ ଏକମାତ୍ର ମଣ୍ଡଳୀ ବିଷୟକ ନାମ । ( ୧ମ କରନ୍ଥୀ ୧୨ : ୨୦ ) । ସିଦ୍ଧାନ୍ତରେ, ଉପାସନାରେ, କାର୍ଯ୍ୟ ଦ୍ୱାରା ବାକ୍ୟାନୁଯାୟୀ ହୋଇ, ନାମ ବିଷୟରେ ବାକ୍ୟ ଅନୁସରଣ ନ କରିବା ମୂର୍ଖତାର ବିଷୟ । ଯେଉଁ ନାମଗୁଡ଼ିକ ବାଇ-ବଲରେ ଲିଖିତ ହୋଇ ନାହିଁ, ତାହା ଗ୍ରହଣ କରି, ଅନୁସରଣ କରି ମନୁଷ୍ୟମାନେ ଆପଣା ଅଜ୍ଞତାର ପରିଚୟ ଦେଇ ଥାନ୍ତି ।

ଯଥାର୍ଥ ନାମ ବହନ କରିବାର ଅର୍ଥ ପରମେଶ୍ୱରଙ୍କ ଇଚ୍ଛା ପାଳନ କରିବା । ଜଣେ ଯଥାର୍ଥ କିଅବା ଅଯଥାର୍ଥ ନାମ ବହନ କରିଥାଏ । କୌଣସି ପଦାର୍ଥ ବା ଜନ୍ତୁକୁ ତାହାର ଯଥାର୍ଥ ନାମ ବ୍ୟବହାର ନ କଲେ ଅସୁବିଧା ସମ୍ମୁଖୀନ ହୋଇ ଥାଉଁ । ଠିକ୍ ସେହିପରି ଧର୍ମ ଜଗତରେ ମଧ୍ୟ ଆମ୍ଭମାନେ ହୁଏତ ଯଥାର୍ଥ ନାମ ବହନ କରିଅଛୁ ଅଥବା ଅଯଥାର୍ଥ ନାମ ବହନ କରିଅଛୁ ।

ନାମର କେତେ ବିଶିଷ୍ଟତା ରହିଅଛି । ଅଯଥାର୍ଥ ନାମ ବହନ କରି ଆମ୍ଭମାନେ କିପରି ପରମେଶ୍ୱରଙ୍କ ଦୃଷ୍ଟିରେ ଯଥାର୍ଥ ହୋଇ ପାରିବା ? ଯଥାର୍ଥ ନାମ ବହନ କରି ମଧ୍ୟ ଲୋକେ ପରମେଶ୍ୱରଙ୍କ ଦୃଷ୍ଟିରେ ଅଯଥାର୍ଥ ଜୀବନ ଯାପନ କରିବା ବିଷୟ ସତ, କିନ୍ତୁ ତାହାଙ୍କ ଦୃଷ୍ଟିରେ ଯଥାର୍ଥତା ହାସଲ କରିବା ନିମନ୍ତେ ଆମ୍ଭମାନଙ୍କୁ ଯଥାର୍ଥ ନାମ ବହନ କରିବା ଆବଶ୍ୟକ ।

**ମତ ଶାଖାର ନାମ ଗୁଡ଼ିକ :**

ଆଜି ଖ୍ରୀଷ୍ଟିୟ ଜଗତରେ ଅନେକ ନାମ ଦେଖିପାରୁ, ଯେଉଁ ଗୁଡ଼ିକ ନୂତନ ନିୟମରେ ଲିଖିତ ହୋଇ ନାହିଁ । ଯେଉଁମାନେ ଆପଣା ଇଚ୍ଛାନୁଯାୟୀ ନାମ ଧାରଣ କରନ୍ତି, ବାଇବଲରେ ଉଲ୍ଲେଖିତ ନାମର ଗୌରବ ଦିଅନ୍ତି ନାହିଁ ବୋଲି ଜାଣିପାରୁ ।

ଗୋଲାପ ଫୁଲକୁ ଯେକୌଣସି ନାମରେ ନାମିତ କଲେ ମଧ୍ୟ ତାହାର ସୁବାସନା କିଞ୍ଚିତ ମାତ୍ର କମ୍ ହୋଇ ନାହିଁ ବୋଲି କହି

**Shakespear** ମତ ପ୍ରକାଶ କରିଥିଲେ । ଏହି ମତ ଉପରେ ଆଧାରିତ ହୋଇ ଲୋକେ ଖ୍ରୀଷ୍ଟଙ୍କ ମଣ୍ଡଳୀକୁ ଆପଣା ଇଚ୍ଛାନୁଯାୟୀ ନାମିତ କରିଥାନ୍ତି । କିନ୍ତୁ ଯଦିଓ ଅନ୍ୟ ନାମରେ ଗୋଲାପ ଆପଣା ସୁବାସନା ହରାଇ ନଥାଏ । ତଥାପି ଗୋଲାପକୁ ଗୋଲାପ ନ କହି ଅନ୍ୟ ନାମରେ ନାମିତ କରିବା ଯୁକ୍ତିଯୁକ୍ତ ନୁହେଁ ।

ଅନେକ ବାଇବଲ ଆପଣା ପିତାମହାଙ୍କୁ ସମାଦର କରିବା ନିମନ୍ତେ ସେମାନଙ୍କୁ ସଯୁକ୍ତ କରାଯାଇଥିବା ମଣ୍ଡଳୀରେ ଯୋଗଦାନ କରନ୍ତି ।

ଅନେକେ ବାଇବଲ ଲିଖିତ ଅନ୍ୟାନ୍ୟ ନାମଗୁଡିକ ଦ୍ୱାରା ଆପଣା ମଣ୍ଡଳୀର ନାମ ରଖନ୍ତି । ଉଦାହରଣ ସ୍ୱରୂପ, 'ବେଥ୍ ସାଇଦା ମଣ୍ଡଳୀ' ବା 'ଫିଲେଡେଲଫିଆ' ମଣ୍ଡଳୀ ପ୍ରଭୃତି ।

ଆହୁରି ଅନ୍ୟବର୍ଗ ଲୋକେ ଆପଣା ମଣ୍ଡଳୀର ନାମ କରନ୍ତି ଏହିପରି ବର୍ଗର ଲୋକଙ୍କୁ ପ୍ରେରିତ ପାଉଲ ୧ମ କରନ୍ଥି ୧ : ୧୦–୧୩ ପଦଗୁଡିକରେ ନିନ୍ଦା କରନ୍ତି । ଆପଣା ଆପଣାକୁ ବିଭକ୍ତ କରୁଥିବା କରନ୍ଥୀ ଖ୍ରୀଷ୍ଟିୟାନମାନଙ୍କୁ ପାଉଲ କହନ୍ତି, 'ଯେହେତୁ ଯେତେବେଳେ ଜଣେ କୁହେ; ମୁଁ ପାଉଲଙ୍କର, ପୁଣି ଆଉ ଜଣେ କୁହେ, ମୁଁ ଆପଲଙ୍କର, ସେତେବେଳେ ତୁମ୍ଭେମାନେ କ'ଣ ଶାରୀରିକ ନୁହଁ ? ଆପଲ କିଏ ପାଉଲ ବା କିଏ ? ସେମାନେ ତ ସେବକ ମାତ୍ର ଯେଉଁମାନଙ୍କ ଦ୍ୱାରା ପ୍ରତ୍ୟେକଙ୍କୁ ପ୍ରଭୁ ଯେପରି ଦେଇ ଅଛନ୍ତି, ତଦନୁସାରେ ତୁମ୍ଭେମାନେ ବିଶ୍ୱାସ କରିଅଛ ।

## ମତ ଶାଖା ନାମଗୁଡ଼ିକର ନିସ୍ସାରତା :

ମତ ଶାଖାର ନାମଗୁଡ଼ିକ ବିଶ୍ୱାସର ପ୍ରତିଫଳ ନୁହେଁ । କାରଣ, 'ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।' ( ରୋମୀୟ ୧୦ : ୧୭ ) । କିନ୍ତୁ ଧର୍ମ-ସମ୍ବନ୍ଧୀୟ ବିଷୟଗୁଡ଼ିକରେ , 'ଆମ୍ଭେମାନେ ଦୃଶ୍ୟ ବିଷୟ ଦେଇ ଜୀବନଯାପନ ନକରି ବିଶ୍ୱାସରେ ଜୀବନଯାପନ କରୁଅଛୁ । ( ୨ କରନ୍ଥୀ ୫ : ୭ ) ।

୨) ଖ୍ରୀଷ୍ଟଙ୍କ ଅନୁସରଣକାରୀମାନେ ଖ୍ରୀଷ୍ଟିୟାନ ନାମରେ ପରିଚିତ ନ ହୋ[illegible] ଅନ୍ୟ ନାମରେ ପରିଚିତ ହେବା ଦ୍ୱାରା ଖ୍ରୀଷ୍ଟଙ୍କ ନାମରୁ ଦେବ[illegible] ଗୌରବ ଅପହରଣ କରନ୍ତି ।

୩) "ହେ ଭାଇମାନେ ମୁଁ ତୁମ୍ଭମାନଙ୍କୁ ଶିକ୍ଷା ନିମନ୍ତେ ଏହିସବୁ କଥା ମୋ ନିଜକୁ ଓ ଆପଲ୍ଲକୁ ଲକ୍ଷ କରି ଦୃଷ୍ଟାନ୍ତ ଦେଲି, ଯେପରି 'ଯାହା ଲିଖିତ ଅଛି ତାହାର ଅତିକ୍ରମ କର ନାହିଁ, ଏହା ତୁମ୍ଭେମାନେ ଆମ୍ଭମାନଙ୍କଠାରୁ ଶିକ୍ଷା କର, ପୁଣି ଯେପରି ତୁମ୍ଭମାନଙ୍କ ମଧ୍ୟରୁ କେହି ଜଣେ ସପକ୍ଷ ଓ ଅନ୍ୟ ଜଣର ବିପକ୍ଷ ହୋଇ ଗର୍ବୀ ନ ହୁଅ ।"(୧ମ କରନ୍ଥୀ ୪:୬) । ବିଭିନ୍ନ ନାମରେ ବିଭକ୍ତ ହୋଇ 'ଆଜ୍ଞା ଅତିକ୍ରମ' କରିବାର ପାପ ବିଷୟରେ ପ୍ରେରିତ ପାଉଲ କରନ୍ଥୀ ମଣ୍ଡଳୀକୁ ଏଠାରେ ଦର୍ଶାଇ ଅଛନ୍ତି ।

୪) ବିଭିନ୍ନ ନାମ ଖ୍ରୀଷ୍ଟୀୟ ଜଗତକୁ ବିଭକ୍ତ କରେ । "ଖ୍ରୀଷ୍ଟିୟାନ" ନାମ ହିଁ କେବଳ ଖ୍ରୀଷ୍ଟୀୟ ଜଗତରେ ଏକତା ଆଣି ପାରେ । ଖ୍ରୀଷ୍ଟ ଜଗତରେ ବିଭିନ୍ନତା ଅସ୍ଥିରତା ଆଣୁଥିବା ଲୋକ" ସ୍ୱର୍ଗରାଜ୍ୟର ଅଧିକାରୀ ହୋଇ ପାରିବେ ନାହିଁ "(ଗାଲାତୀ ୫:୧୯-୧୨)

୫) ବିଭକ୍ତ କରଣରେ ନିନ୍ଦା କରି ପ୍ରେରିତ ପାଉଲ କରନ୍ଥୀ ମଣ୍ଡଳୀକୁ କହନ୍ତି, 'ହେ ଭାଇମାନେ' ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମୁଁ ତୁମ୍ଭମାନଙ୍କୁ ଅନୁରୋଧ କରୁଅଛି, ଯେପରି ତୁମ୍ଭେମାନେ ସମସ୍ତେ ଏକ କଥା କୁହ, ଆଉ ତୁମ୍ଭମାନଙ୍କ ମଧ୍ୟରେ ଦଳଭେଦ ନ ହୁଏ, କିନ୍ତୁ ତୁମ୍ଭେମାନେ ଏକ ମନରେ ଓ ଏକ ବିଚାରରେ ସମ୍ମିଳିତ ହୁଅ । କାରଣ ହେ ମୋହର ଭାଇମାନେ ଖ୍ଲୋୟୀଙ୍କ ପରିଜନଙ୍କ ଠାରୁ ତୁମ୍ଭମାନଙ୍କ ସମ୍ବନ୍ଧରେ ମୋ ନିକଟରେ ଏହା ପ୍ରକାଶ ପାଇଅଛି ଯେ, ତୁମ୍ଭମାନଙ୍କ ମଧ୍ୟରେ ବାଦବିବାଦ ଅଛି । ମୋ କଥାର ଭାବ ଏହି, ତୁମ୍ଭମାନଙ୍କ ମଧ୍ୟରୁ କେହି ୨ କହନ୍ତି, ମୁଁ ପାଉଲଙ୍କର କେହି ୨ କହନ୍ତି, ମୁଁ ଆପଲ୍ଲଙ୍କର କେହି ୨ କହନ୍ତି ମୁଁ କୈଫାଙ୍କର ଆଉ କେହି ୨ କହନ୍ତି

ମୁଁ ଖ୍ରୀଷ୍ଟଙ୍କର । ଖ୍ରୀଷ୍ଟ କି ବିଭକ୍ତ ହୋଇ ଅଛନ୍ତି ? ତୁମ୍ଭମାନଙ୍କ ନିମନ୍ତେ କି ପାଉଲ କ୍ରୁଶରେ ହତ ହୋଇଥିଲେ ? କିମ୍ବା ତୁମ୍ଭେମାନେ କି ପାଉଲ ନାମରେ ବାପ୍ତିଜିତ ହୋଇଥିଲ ? (୧ମ କରନ୍ଥୀ ୧:୧୦-୧୩) ଉପରୋକ୍ତ ବାକ୍ୟରେ ତଥା ଅନ୍ୟାନ୍ୟ ବାକ୍ୟରେ ଧର୍ମଜଗତର ବିଭେଦକୁ ନିନ୍ଦା କରାଯାଇଅଛି । ଧର୍ମନେତାଙ୍କ ନାମରେ ସିଦ୍ଧାନ୍ତ ନାମରେ କିଅବା ଅନ୍ୟ କୌଣସି ନାମରେ ବିଭେଦତା ଆଣିବ ଭ୍ରାନ୍ତ ଜନକ । ପାଉଲ ପିତର କିଅବା ଆପଣ ଆମ୍ଭମାନଙ୍କ ନିମନ୍ତେ କ୍ରୁଶୀୟ ମୃତ୍ୟୁ ଭୋଗି ନ ଥିଲେ, କିନ୍ତୁ ଆମ୍ଭମାନଙ୍କ ପାପ ମୋଚନ ନିମନ୍ତେ ପବିତ୍ର ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର କ୍ରୁଶୀୟ ମୃତ୍ୟୁ ଭୋଗିଥିଲେ ତାହାଙ୍କ ନାମ ଧାରଣ କରୁ । ତାହାଙ୍କ ଦତ୍ତ ଆଜ୍ଞାନୁଯାୟୀ ତାହାଙ୍କ ନାମରେ ବାପ୍ତିଜିତ ନହୋଇ ତାହାଙ୍କ ନାମ ଧାରଣ କରିବା ନିମନ୍ତେ ମନୁଷ୍ୟ ମାନଙ୍କୁ ଅଧିକାର ଦିଆଯାଇ ନାହିଁ ।

୬) ମତଶାଖୀୟ ନାମଗୁଡ଼ିକ ପରମେଶ୍ୱରଙ୍କ ପ୍ରକାଶିତ ଇଚ୍ଛାରେ ମନୁଷ୍ୟର ସ୍ୱଇଚ୍ଛା ଯୋଗ କରାଯାଏ, ଯାହା ନ କରିବା ପାଇଁ ଅଟେମ୍ଭ ପ୍ରକାଶିତ ୨୨:୧୮ ଓ ୧୯ ପଦରେ ଆଜ୍ଞାପିତ ହୋଇ ଅଛୁ ।

୭) "କେହିଯଦି ପ୍ରଚାର କରେ, ତେବେ ସେ ଈଶ୍ୱରଙ୍କ ବାକ୍ୟର ପ୍ରଚାରକ ପରି ପ୍ରଚାର କରୁ, କେହି ଯଦି ସେବା କରେ, ତେବେ ସେ ଈଶ୍ୱରଙ୍କଠାରୁ ଶକ୍ତିପ୍ରାପ୍ତ ଲୋକ ପରି ସେବା କରୁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱର ଗୌରବ ବର୍ଦ୍ଧିତ ହେବେ, ଯୁଗେ ୨ ଗୌରବ ଓ ପରାକ୍ରମ ତାହାଙ୍କର ଆମେନ, "(୧ମ ପିତର ୪:୧୧)

ମତଶାଖା ନାମ ଧାରଣ କରିବାର ଅଜ୍ଞାନତା ବିଷୟରେ ଏହି ସବୁ କାରଣରୁ ଆମ୍ଭେମାନେ ଜାଣିପାରୁ ।

**ନୂତନ ନାମ :—** "ସେମାନଙ୍କୁ ଆମ୍ଭେ ଆମ୍ଭ ଗୃହ ମଧ୍ୟରେ ଓ ଆମ୍ଭ ପ୍ରାଚୀର ଭିତରେ ପୁତ୍ର କନ୍ୟା ଅପେକ୍ଷା ଉତ୍ତମ ସ୍ମରଣାର୍ଥକ

ସ୍ତମ୍ଭ ଓ ନାମ ଦେବା, ଆମ୍ଭେ ସେମାନଙ୍କୁ ଅନନ୍ତ କାଳ ସ୍ଥାୟୀ ନାମ ଦେବା, ତାହା କଟା ହେବ ନାହିଁ ।" (ଯିଶାଇୟ ୫୬:୫)

'ପୁଣି, ଅନ୍ୟ ଦେଶୀୟମାନେ ତୁମ୍ଭର ଧର୍ମ ଓ ସକଳ ରାଜା ତୁମ୍ଭର ପ୍ରତାପ ଦେଖିବେ, ଆଉ ତୁମ୍ଭେ ସଦାପ୍ରଭୁଙ୍କ ମୁଖ ଦ୍ୱାରା ଏକ ନୂତନ ନାମରେ ଖ୍ୟାତ ହେବ ।' (ଯିଶାଇୟ ୬୨:୨)

'ପୁଣି, ତୁମ୍ଭେମାନେ ଆମ୍ଭ ମନୋନୀତ ଲୋକମାନଙ୍କ ନିକଟରେ ତୁମ୍ଭମାନଙ୍କର ନାମ ଶାପାସ୍ପଦ ରୂପେ ଲେଖା ଯିବ ଓ ପ୍ରଭୁ ସଦାପ୍ରଭୁ ତୁମ୍ଭକୁ ବଧ କରିବେ, ଆଉ ସେ ଆପଣା ଦାସମାନଙ୍କୁ ଅନ୍ୟ ନାମରେ ଖ୍ୟାତ କରିବେ ।' (ଯିଶାଇୟ ୬୫:୧୫)

ଉପରୋକ୍ତ ଭବିଷ୍ୟଦ୍‌ ବାଣୀ ଗୁଡ଼ିକରୁ କେତୋଟି ସତ୍ୟତା ଜାଣି ପାରିଲୁ । ଯଥା:—

୧) ଈଶ୍ୱରଙ୍କ ଗୃହସ୍ଥିତ ମନୁଷ୍ୟମାନଙ୍କୁ ସେହି ନୂତନ ନାମ ଦତ୍ତ ହେବାର ଥିଲା ।

୨) ସଦାପ୍ରଭୁଙ୍କ ମୁଖ ଦ୍ୱାରା ସେହି ନୂତନ ନାମ ଦତ୍ତ ହେବାର ଥିଲା । ଅର୍ଥାତ୍‌ ଏହି ନୂତନ ନାମ ସଦାପ୍ରଭୁଙ୍କ ବ୍ୟତୀତ ଅନ୍ୟ କୌଣସି ମାନବ ବା ଶୟତାନଠାରୁ ଆଗତ ହେବାର ନଥିଲା ।

୪) ଅନ୍ୟଦେଶୀୟମାନେ ପରମେଶ୍ୱରଙ୍କ ଧର୍ମ ଓ ପ୍ରତାପ ଦେଖିବା ପରେ ସେହି ନୂତନ ନାମ ପ୍ରଦତ୍ତ ହେବାର ପ୍ରତିଜ୍ଞା କରାଯାଇଥିଲା ।

୫) ସେହି ନାମ ପୁତ୍ର ଓ କନ୍ୟା ଅପେକ୍ଷା ଉତ୍ତମ ସ୍ମରଣାର୍ଥକ ନାମ ।

ଏହି ଭବିଷ୍ୟଦ୍‌ବାଣୀ ଗୁଡ଼ିକର ସଫଳତା ନୂତନ ନିୟମରେ

ଆମ୍ଭେମାନେ ପଢ଼ିପାରୁ ଥାଉଁ । "...... ଆମ୍ଭେ ତୁମ୍ଭମାନଙ୍କ ସହିତ ଏକ ଚିରସ୍ଥାୟୀ ନିୟମ, ଅର୍ଥାତ୍ ଦାଉଦଙ୍କ ପ୍ରତି ନିଶ୍ଚିତ ଦୟା ସ୍ଥିର କରିବାର ସଫଳତା ଆମ୍ଭେମାନେ ପ୍ରେରିତ ୧୩:୩୪ ପଦରେ ପଢ଼ି-ପାରୁ । "ସେ ସମସ୍ତଙ୍କୁ ଆମ୍ଭେ ଆପଣା ପବିତ୍ର ପର୍ବତକୁ ଆଣିବା ଓ ଆମ୍ଭର ପ୍ରାର୍ଥନା ଗୃହରେ ସେମାନଙ୍କୁ ଆନନ୍ଦିତ କରିବା ସେମାନଙ୍କର ହୋମବଳି ଓ ବଳିଦାନସବୁ ଆମ୍ଭ ଯଜ୍ଞବେଦି ଉପରେ ଗ୍ରାହ୍ୟ ହେବ । କାରଣ ଆମ୍ଭର ସର୍ବଦେଶୀୟ ଲୋକଙ୍କର ପ୍ରାର୍ଥନା—ଗୃହ ବୋଲି ଖ୍ୟାତ ହେବ । ଏହି, ବାକ୍ୟ ଯୀଶୁ ମାର୍କ ୧୧ : ୧୭ ପଦରେ ବ୍ୟବହାର କରିବା ପଢ଼ି ଥାଉଁ । ଏଠାରେ ଯେଉଁ ସମସ୍ତ ବିଷୟରେ କୁହାଯାଏ, ସେହି ସମୟରେ ବିଜାତିୟ ମାନେ ମଧ୍ୟ ଈଶ୍ବରଙ୍କ ଅନୁଗ୍ରହରେ ଅନ୍ତର୍ଭୁକ୍ତ ହେବେ । ଏବଂ ସେହି ଭବିଷ୍ୟବାଣୀର ସଫଳତା ବିଷୟରେ ଆମ୍ଭେମାନେ ନୂତନ ନିୟମରେ ପଢ଼ିପାରୁ ଥାଉଁ ।

ନୂତନ ନାମ ବିଷୟକ ଭବିଷ୍ୟତ୍‌ବାଣୀର ସଫଳ ନୂତନ ବିଷୟରେ ପଢ଼ି ଥାଉଁ ।

୧) ଈଶ୍ବରଙ୍କ ଗୃହସ୍ଥ ମନୁଷ୍ୟ ମାନଙ୍କ ଶ୍ରେଷ୍ଠ ନାମ ଦତ୍ତ ହେବାରଥିଲ ଓ ୧ମ ତୀମଥି ୩:୧୫ ଅନୁଯାୟୀ ମଣ୍ଡଳୀ ଈଶ୍ବରଙ୍କ ଗୃହ ଅଟେ । ମଣ୍ଡଳୀର ସଭ୍ୟଗଣ ଖ୍ରୀଷ୍ଟିୟାନ ନାମରେ ଖ୍ୟାତ ହେଲେ ।

୨) ନୂତନ ନାମର ଦତ୍ତଅରେ ପୁରାତନ ନାମ ଲୋପ ପାଇଅଛି ।

A) ଯଦିଓ ଦାଉଦ କହିଲେ 'ଦେଖ ଭାଇମାନେ ମିଳନରେ ଏକତ୍ର ବାସ କରିବା କେଉଁ ଉତ୍ତମ ଓ ମନୋହର ।' ଏହି ନୂତନ ନାମ 'ଭାତୃବୃନ୍ଦ' ନୁହେଁ ।

B) ପୁନର୍ବାର ଗୀତ ୧୧୬:୧୫ ପଦରେ ଦାଉଦ କହିଲେ ସଦାପ୍ରଭୁଙ୍କ ଦୃଷ୍ଟିରେ ତାହାଙ୍କ ସଦ୍‌ଭକ୍ତ ମାନଙ୍କ ମରଣ ବହୁମୂଲ୍ୟ ଅଟେ ।" ସେହି ନୂତନ ନାମ "ସଦ୍‌ଭକ୍ତ" ନୁହେଁ ।

C) ଯିଶାଇୟ କହିଲେ, 'ତୁମ୍ଭେ ଏହି ପ୍ରମାଣ ବାକ୍ୟ ବାନ୍ଧ, ମୋ ଶିଷ୍ୟମାନଙ୍କ ମଧ୍ୟରେ ବ୍ୟବସ୍ଥା ମୁଦ୍ରାଙ୍କିତ କର ।" ( ୮ : ୬ ) । କିନ୍ତୁ ସେହି ନୂତନ ନାମ 'ଶିଷ୍ୟ' ନୁହେଁ ।

D) 'ସଦାପ୍ରଭୁ କହନ୍ତି, ତୁମ୍ଭେମାନେ ଯେପରି ଜାଣି ଆମ୍ଭ ଠାରେ ବିଶ୍ୱାସ କରିବ ଓ ଆମ୍ଭେ ସେହି ଅଟୁଁ ବୋଲି ବୁଝିବ, ଏଥିପାଇଁ ତୁମ୍ଭେମାନେ ଆମ୍ଭର ସାକ୍ଷୀ ଓ ଆମ୍ଭର ମନୋନୀତ ଦାସ ଅଟ, ଆମ୍ଭ ପୂର୍ବରେ କୌଣସି ଈଶ୍ୱର ନିର୍ମିତ ନୋହିଲା, କି ଅବା ଆମ୍ଭ ଉତ୍ତାରେ ହୋଇବ ।' ( ଯିଶାଇୟ ୪୩ : ୧୦ ) ତଥାପି ନୂତନ ନାମ 'ଯିହୋବାଙ୍କ ସାକ୍ଷୀ' ନୁହେଁ ।

ଏହି ନୂତନ ନାମ ସଦାପ୍ରଭୁଙ୍କ ମୁଖଦ୍ୱାରା ପ୍ରକାଶିତ ହେବାର ଥିଲା । ଅର୍ଥାତ୍ ସଦାପ୍ରଭୁଙ୍କ ଇଚ୍ଛାନୁରୂପ ପ୍ରଚଳିତ 'ନାମକରଣ' ର ଅର୍ଥ ଅଟେ ।

ବିଜାତିମାନେ ଅନୁଗ୍ରହ ପ୍ରାପ୍ତ ହେବା ପରେ ଏହି ନାମ ଦତ୍ତ ହେବାର ଥିଲା । ପ୍ରେରିତ ୧୦ମ ଅଧ୍ୟାୟରେ ଲିଖିତ ବିଜାତି କର୍ଣ୍ଣିଲିୟ ଓ ତାହାଙ୍କ ପରିବର୍ତ୍ତନ ପରେ ଆନ୍ତିୟଖିଆରେ ଶିଷ୍ୟମାନେ 'ଖ୍ରୀଷ୍ଟିୟାନ' ରୂପେ ପରିଚିତ ହେଲେ । 'ପରେ ସେ ଶାଉଲଙ୍କୁ ଖୋଜିବା ପାଇଁ ତାର୍ଷକୁ ବାହାରିଗଲେ । ପୁଣି, ସେ ତାଙ୍କୁ ପାଇ ଆନ୍ତିୟଖିଆକୁ ଘେନି ଆସିଲେ । ସେମାନେ ସମ୍ପୂର୍ଣ୍ଣ ଏକ ବର୍ଷ ପର୍ଯ୍ୟନ୍ତ ମଣ୍ଡଳୀର ସହିତ ରହି ଅନେକଙ୍କୁ ଶିକ୍ଷା ଦେଲେ, ପୁଣି ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ ଖ୍ରୀଷ୍ଟିୟାନ ବୋଲି ଆଖ୍ୟାତ ହେଲେ ।' ( ପ୍ରେରିତ ୧୧ : ୨୫, ୨୬ ) ଏହି ନାମ ବାଇବଲ ଇତିହାସରେ ତଥା ଜାଗତିକ ଇତିହାସରେ ଏକ ନୂତନ ନାମ ।

ଖ୍ରୀଷ୍ଟଙ୍କ ଅନୁକାରୀମାନେ ଏହି ଧାରଣ କରୁଥିଲେ ଓ ଅନ୍ୟମାନଙ୍କୁ ଏହି ନାମ ବହନ କରିବା ନିମନ୍ତେ ଉତ୍ସାହିତ କରୁଥିଲେ । 'ହେ ରାଜନ୍ ଆଗ୍ରିପ୍ପା, ଆପଣ କଅଣ ଭବିଷ୍ୟଦ୍‌ବାଦୀମାନଙ୍କୁ

ବିଶ୍ୱାସ କରନ୍ତି ? ଆପଣ ବିଶ୍ୱାସ କରନ୍ତି ବୋଲି ମୁଁ ଜାଣେ । ସେଥିରେ ଆଗ୍ରିପପା ପାଉଲଙ୍କୁ କହିଲେ, ଅଳ୍ପ କଥାରେ ତ ତୁମ୍ଭେ ଆମ୍ଭଙ୍କୁ ଖ୍ରୀଷ୍ଟିୟାନ କରିପାରି ବୋଲି ମନେ କରୁଅଛ । ପାଉଲ କହିଲେ, ଅଳ୍ପରେ ହେଉ କି ବହୁତରେ ହେଉ, କେବଳ ଆପଣ ନୁହନ୍ତି, ମାତ୍ର ଯେତେ ଲୋକ ଆଜି ମୋର କଥା ଶୁଣୁଅଛନ୍ତି, ସେପରି ସେମାନେ ସମସ୍ତେ ଏହି ବନ୍ଧନ ବିନା ମୋହରି ପରି ହୁଅନ୍ତି, ଏହା ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛି । (ପ୍ରେରିତ ୨୬ : ୨୭-୨୯ ) । ପାଉଲ ନିଜେ ଖ୍ରୀଷ୍ଟିୟାନ ନାମ ବହନ କରିଥିଲେ ଓ ରାଜାଙ୍କୁ ଖ୍ରୀଷ୍ଟିୟାନ ହେବାର ଉତ୍ସାହିତ କରିଥିଲେ ।

ତାହାଙ୍କ ଅନୁକାରୀମାନେ ତାହାଙ୍କ ନାମ ଗୌରବାନ୍ୱିତ କରିବା ଆବଶ୍ୟକ । 'ଏଣୁ ତୁମ୍ଭମାନଙ୍କ ମଧ୍ୟରୁ କେହି ହତ୍ୟାକାରୀ କି ଚୋର କି ଦୁରାଚାରୀ କି ଅନଧିକାର ଚର୍ଚ୍ଚାକାରୀ ହୋଇ ଦଣ୍ଡ ଭୋଗ ନ କରୁ; କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ, ତାହାହେଲେ ସେ ଲଜ୍ଜା ବୋଧ ନ କରୁ ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ । ( ୧ମ ପିତର ୪ : ୧୫, ୧୬ ) ।

## ନୂତନ ନାମର ବିଶିଷ୍ଟତା :

(୧) ଯେତେଥର 'ଖ୍ରୀଷ୍ଟିୟାନ' ନାମ ଉଚ୍ଚାରିତ ହୁଏ, ସେତେଥର ଖ୍ରୀଷ୍ଟଙ୍କ ନାମ ଗୌରବାନ୍ୱିତ ହୁଏ, କାରଣ 'ଖ୍ରୀଷ୍ଟିୟାନ' ନାମରେ ହିଁ ଖ୍ରୀଷ୍ଟଙ୍କ ନାମ ଜଡ଼ିତ । (୨) ଏହି ନାମରେ ହିଁ ଖ୍ରୀଷ୍ଟ ଜଗତରେ ଏକତା ଅଣାଯାଇ ପାରେ । ବିଭିନ୍ନ ମତାଙ୍ଗୀୟ ନାମ ବହନ କରିବାରେ ଖ୍ରୀଷ୍ଟ ଜଗତରେ ବିଭେଦ ଜନ୍ମିଅଛି । (୩) ଏହି ନାମ ବିଶ୍ୱସରେ ବହନ କରାଯାଏ । (୪) ଏହି ନାମ ଦ୍ୱାରା ପରମେଶ୍ୱର ଗୌରବାନ୍ୱିତ ହୁଅନ୍ତି । ( ୧ମ ପିତର ୪ : ୧୬ ) (୫) ଯାକୁବ ୨:୭ ଲେଖାଯାଏ "ଯେଉଁ ସହିତ ନାମରେ ତୁମ୍ଭେମାନେ ଖ୍ୟାତ, ସେମାନେ କଅଣ ସେହି ନାମର ନିନ୍ଦା କରନ୍ତି ନାହିଁ ।" ଅତଏବ ଏହି ନୂତନ ନାମ ଏକ ମହତ୍ ନାମ ।

(୬) "ଖ୍ରୀଷ୍ଟିୟାନ" ନାମ ବହନକାରୀ ମନୁଷ୍ୟମାନେ ଖ୍ରୀଷ୍ଟଙ୍କ ଠାରେ ସଂଯୁକ୍ତ ଅଟନ୍ତି ।

ନୂତନ ନିୟମରେ ଖ୍ରୀଷ୍ଟିୟାନମାନଙ୍କ ବିଷୟ ଏପରି କୁହାଯାଏ :—

୧) ସେମାନେ ଖ୍ରୀଷ୍ଟଙ୍କର ଅଟନ୍ତି । (୧ମ କରିନ୍ଥୀ ୬ : ୧୯, ୨୦ ୧ମ ପିତର ୧ : ୧୮, ୧୯ ) ।

୨) ତାହାଙ୍କ ନାମରେ ବାପ୍ତିସ୍ମ ନେଇଥିବା ପ୍ରତ୍ୟେକ ତାହାଙ୍କୁ ଧାରଣ କରିଅଛନ୍ତି । (୧ମ କରିନ୍ଥୀ ୧ : ୧୨)

୩) ବାକ୍ୟ ଶ୍ରବଣ କରି, ବିଶ୍ୱାସ କରି, ମନପରିବର୍ତ୍ତନ କରି, ଈଶ୍ୱରଙ୍କ ପୁତ୍ରରୂପେ ଯୀଶୁଖ୍ରୀଷ୍ଟଙ୍କୁ ସ୍ୱୀକାର କରି ବାପ୍ତିଜିତ ହୁଅନ୍ତି ସେମାନେ ଖ୍ରୀଷ୍ଟଙ୍କ ଦ୍ୱାରା ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି । (ପ୍ରେରିତ ୨ : ୪୭) ।

୪) ସେମାନେ ଜଗତ ଓ ଜନ୍ମଗତ ପାପ ପ୍ରତି ମୃତ ଓ ଧାର୍ମିକତା ପ୍ରତି ଜୀବିତ ଅଟନ୍ତି । (ରୋମୀୟ ୬ : ୨) ।

୫) ସେମାନେ ନୂତନ ଜୀବନ ଯାପନ କରିବା ନିମନ୍ତେ ତାହାଙ୍କ ମୃତ୍ୟୁ ସମାଧି, ପୁନଃରୁତ୍ଥାନର ସାଦୃଶ୍ୟର ବାପ୍ତିସ୍ମରେ ବାପ୍ତିଜିତ ହୋଇ ଥାନ୍ତି ।

୬) ତାହାଙ୍କ ପ୍ରତି ଆଜ୍ଞାନୁଯାୟୀ ତାହାଙ୍କ ଆରାଧନା କରନ୍ତି । (ପ୍ରେରିତ ୨:୪୨, ୨୦:୮, ଏଫିସୀ ୫:୧୯) ।

୭) ସେମାନେ ଖ୍ରୀଷ୍ଟଙ୍କ ପ୍ରକୃତ ଅନୁସରଣକାରୀ ହୋଇ, ଆପଣା ଜୀବନ ଖ୍ରୀଷ୍ଟଙ୍କ ନିମନ୍ତେ ଯାପନ କରି, ତାହାଙ୍କ ସହିତ ସ୍ୱର୍ଗରେ ଅନନ୍ତର ବଞ୍ଚିବାର ଭରସା ରଖନ୍ତି । (୧ମ ଯୋହନ ୩:୨) ।

ଶିଷ୍ୟ, ସାଧୁ, ଈଶ୍ବରଙ୍କ ପୁତ୍ରଗଣ, ଯାଜକ, ଯୋଦ୍ଧାଗଣ, ଶରୀରର ସଭ୍ୟ, ପବିତ୍ର ଦେଶ, ମନୋନୀତ ଗୋଷ୍ଠୀ, ବିଶ୍ବାସୀ ଈଶ୍ବରଙ୍କ ପ୍ରିୟ ପ୍ରଭୃତି ଖ୍ରୀଷ୍ଟିୟାନମାନଙ୍କୁ ବୁଝାଏ । ଏହି ନାମ ଗୁଡ଼ିକରେ ଖ୍ରୀଷ୍ଟିୟାନ ମାନଙ୍କ ବ୍ୟକ୍ତିତ୍ୱ, ଅଧିକାର ଓ ଆଶୀଷ ଗୁଡ଼ିକ ବର୍ଣ୍ଣନା କରେ । ଏହି ସବୁ ନାମ ଗୁଡ଼ିକରେ ସମଷ୍ଟିରେ ଆମ୍ଭେମାନେ 'ଖ୍ରୀଷ୍ଟିୟାନ' ନାମ ପାଇପାରୁ !

ତେଣୁ କରି ଖ୍ରୀଷ୍ଟଙ୍କ ବିଶ୍ବସ୍ତ ଅନୁକରଣକାରୀମାନେ ସେମାନଙ୍କ ରକ୍ଷକ, ପାଳକ, ଯାଜକ, ରାଜା ଓ ତ୍ରାଣକର୍ତ୍ତାଙ୍କ ନାମରେ ପରିଚିତ ହେବାର ଦ୍ୱିଧା ବୋଧ କରନ୍ତି ନାହିଁ । ଯେତେଥର ଏହି ନାମ ଉଚ୍ଚାରିତ ହୁଏ ସେତେଥର ଆମ୍ଭମାନଙ୍କ ନମସ୍ତ ଦୃଷ୍ଟିରେ ହିତ ପ୍ରିୟ ପ୍ରଭୁଙ୍କ ନାମ ଗୌରବାନ୍ୱିତ କରେ ।

ଆପଣ କି ଏପରି ସୁନ୍ଦର ଆଶୀଷଯୁକ୍ତ ନାମ ଧାରଣ କରି-ଅଛନ୍ତି ? ଯଦି ନୁହେଁ, ତାହାଙ୍କ ଆଜ୍ଞାକାରୀ ହୋଇ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଂଯୁକ୍ତ ହୁଅ । ଖ୍ରୀଷ୍ଟିୟାନ ନାମ ଧାରଣ କରିବା ଠାରୁ ସୌଭାଗ୍ୟର ବିଷୟ ଆଉ କଅଣ ଅଛି ?

A. G. Hobbs

ଗଙ୍ଗେଶ୍ବରୀ ପ୍ରେସ, ଭୁବନେଶ୍ବର ॥